## NIC Odisha Expert Addresses National Conference on Smart Technologies in Engineering

Swami Vivekananda School of Engineering and Technology (SVSET) invited Shri Niladri Bihari Mohanty, Scientist-D & Joint Director (IT), NIC Odisha, as the keynote speaker at the National Conference on Use of Smart Technologies in Civil & Mining Engineering.

In his keynote address, Shri Mohanty highlighted how emerging technologies such as Artificial Intelligence (AI), Machine Learning (ML), Augmented Reality/Virtual Reality (AR/VR), 3D Printing, Internet of Things (IoT), and IoT-based communication technologies are transforming the civil and mining engineering sectors. He explained how the convergence of these technologies is enabling smarter, safer, more efficient, and data-driven approaches to infrastructure development and mining operations. He also discussed the evolution of smart technologies and their growing role in areas such as intelligent monitoring, predictive maintenance, remote operations, safety management, digital twins, automation, and real-time decision-making.

## News Clips


ODISHA EXPRESS BBSR - 04.08....

# 'ସିଭିଲ୍ ଓ ମାଇନିଂ ଉଦ୍ୟୋଗରେ ସ୍ମାର୍ଟ ଟେକ୍ନୋଲୋଜି' ସମ୍ମିଳନୀ

**ଭୁବନେଶ୍ୱର,୩।୮ ଏକ୍ସପ୍ରେସ୍ ନ୍ୟୁଜ୍**

ମଦନପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ଏସଭିଏସଇ ଆଣ୍ଡ ଟି)ର ଆଭ୍ୟନ୍ତରୀଣ ଗୁଣବତ୍ତା ନିର୍ଦ୍ଧାରଣ କୋଷ (ଆଇକ୍ୟୁଏସି)ର ପରିଚାଳନାରେ ଅନୁଷ୍ଠାନର ଲୋକନାଥ ପାତ୍ର ମେମୋରିଆଲ୍ ହଲ୍‌ଠାରେ 'ସିଭିଲ୍ ଓ ମାଇନିଂ ଉଦ୍ୟୋଗରେ ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗିତା-୨୦୨୬' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଓ ଗୌରବମୟ ଆବୋହବା ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ଏବଂ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ସହ ଆରମ୍ଭ ହୋଇଥିବା ଏହି ସମାରୋହରେ ଅନୁଷ୍ଠାନର ଅଧ୍ୟକ୍ଷ ଏର.ଚିତ୍ତରଞ୍ଜନ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରି ନିର୍ମାଣ ଓ ଖନନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର (ଏଆଇ) ଯୁଗାନ୍ତକାରୀ ଭୂମିକା ଉପରେ ଆଲୋକପାତ କରିଥିବା ବେଳେ, ଉପ-ଅଧ୍ୟକ୍ଷା ଶର୍ମିଷ୍ଠା ଜେନା ଛାତ୍ରଛାତ୍ରୀଙ୍କୁ ସଫଳ ଟେକ୍ନୋକ୍ରାଟ୍‌ରେ ରୂପାନ୍ତରିତ କରିବା ପାଇଁ ଆନୁଷ୍ଠାନିକ ପ୍ରତିଶ୍ରୁତି ବ୍ୟକ୍ତ କରିଥିଲେ। ଏହି ଅବସରରେ ଆଇଏସଟିଇ ଓଡ଼ିଶାର ଅଧ୍ୟକ୍ଷ ପ୍ରଫେସର (ଡଃ) ପ୍ରଭାତ କୁମାର ପାଢ଼ୀ ଏସଭିଏସଇ ଆଣ୍ଡ ଟିର ମାଇନିଂ ବିଭାଗକୁ ରାଜ୍ୟର ଶ୍ରେଷ୍ଠ ବିଭାଗ ଭାବେ ଅଭିହିତ କରିଥିବା ବେଳେ, ନିର୍ଦ୍ଦେଶକ ଡଃ ଜିତେନ୍ଦ୍ର ପାତ୍ର ଏକ ଅତ୍ୟାଧୁନିକ ଗବେଷଣାଗାର ସ୍ଥାପନର ଯୁଗାନ୍ତକାରୀ ଘୋଷଣା କରିଥିଲେ ଏବଂ ଏକାଡେମିକ୍ କାଉନ୍‌ସେଲର ଏର ଅଶୋକ କୁମାର ପାଣିଗ୍ରାହୀ ମାଇନିଂ ଇଞ୍ଜିନିୟରମାନଙ୍କୁ 'ମାନବ ପ୍ରଗତିର ନୀରବ ସଂରକ୍ଷକ ଭାବେ ବର୍ଣ୍ଣନା କରି ସବୁଜ ଶକ୍ତି ରୂପାନ୍ତରଣର ଗୁରୁତ୍ୱ ଆଲୋଚନା କରିଥିଲେ। ଅପରାହ୍ନ ବୈଷୟିକ ଅଧିବେଶନରେ ଏନଆଇଟି ରାଉରକେଲାର ସହଯୋଗୀ ପ୍ରଫେସର ଡଃ ସିଙ୍ଗମ୍ ଜୟନ୍ତ, ଆଇଆଇଟି ହାଇଦ୍ରାବାଦର ଗବେଷକ ସିଙ୍ଗମ୍ ଜୟଦର୍ଶନା, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡଃ ହନୁମନ୍ତା ରାଓ, ଏନଆଇସି ବୈଜ୍ଞାନିକ ଡଃ ନୀଳାଦ୍ରି ମହାନ୍ତି, ଆଇଏସଟିଇର ପ୍ରଫେସର ଡଃ କେକେ ରାଉତ ପ୍ରମୁଖ ବିଶାରଦଗଣ ସ୍ମାର୍ଟ ମାନୁଫାକ୍ଚରିଂ, ଡିଜିଟାଲ୍ ଟ୍ୱିନ୍ସ, ପ୍ରେଡିକ୍ଟିଭ୍ ମେଣ୍ଟେନାନ୍ସ, ଡାଟା-ଡ୍ରିଭେନ୍ ନିଷ୍ପତ୍ତି, ରୋବୋଟିକ୍ସ, ପ୍ଲଗ-ଆସ୍ ପ୍ରୟୋଗ ଓ ପାଠ୍ୟକ୍ରମ ସଂସ୍କାର ଭଳି ଏଆଇର ମୁଖ୍ୟସ୍ତମ୍ଭ ଉପରେ ଶାଣିତ ବକ୍ତବ୍ୟ ପ୍ରଦାନ ପୂର୍ବକ ବୌଦ୍ଧିକ ମନ୍ଥନ କରିଥିଲେ। ଶେଷରେ ଆମନ୍ତ୍ରିତ ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମାରକୀ ସହ ସମ୍ବର୍ଦ୍ଧିତ କରାଯାଇ ଏର ଦେବାଶିଷ ପ୍ରଧାନଙ୍କ ଦ୍ୱାରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ ପୂର୍ବକ ପ୍ରଥମ ଦିବସର ସମାରୋହ ସାଫଲ୍ୟମଣ୍ଡିତ ହୋଇଥିଲା।

Odisha Express :4th August, 2026

ପ୍ରମେୟ
THE PRAMEYA

BHUBANESWAR 01 Aug, 2026



ସ୍ୱାମୀ ବିବେକାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀକୁ ଆଇଏସ୍‌ଟିଇର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସିଂଘମ୍ ଜୟନ୍ତୁ, ମୁଖ୍ୟବକ୍ତା ଡ. ବି ହନୁମନ୍ତ ରାଓ, ଅନ୍ୟ ଅତିଥି ଭାବେ ନୀଳାଦ୍ରି ବିହାରୀ ମହାନ୍ତି, ଆଇଏସ୍‌ଟିଇର ସମ୍ପାଦକ ଡ. କ୍ଷିରୋଦ କୁମାର ରାଉତ, ଏକାଡେମିକ୍ କାଉନ୍ସିଲର ଅଶୋକ କୁମାର ପାଣିଗ୍ରାହୀ ଓ କାର୍ଯ୍ୟକ୍ରମର ସଂଯୋଜକ ଇଂ ପି କେ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

Prameya : 1st August, 2026